## ସଂକ୍ଷେପରେ

### ରେଳଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ବ୍ରହ୍ମପୁର ଅଫିସ,୧୫।୧:** ସରକାରୀ ରେଳବାଇ ପୋଲିସ (ଜିଆରପି) ବୁଧବାର ଛତ୍ରପୁର-ଗଞ୍ଜାମ ମଧ୍ୟରେ ଥିବା ହୁମର ଗ୍ରାମ କଡ଼ ଦେଇ ଯାଇଥିବା ରେଳଧାରଣରୁ ଏକ ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ ଆନୁମାନିକ ୩୨ ବର୍ଷ ହେବ ବୋଲି ପୋଲିସ ସୂଚନା ଦେଇଛି। ପୋଲିସ ଏନେଇ ୦୧/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ଏମ୍‌କେସିଜି ମେଡିକାଲର ସଂରକ୍ଷଣ ଗୃହରେ ରଖିଥିବା କହିଛି। ପ୍ରାଥମିକ ଅନୁସନ୍ଧାନରୁ ଯୁବକ ଜଣଙ୍କର ଟ୍ରେନ ଧକ୍କାରେ ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରୁଛି। ମୃତକ ଆଖପାଖ ଅଞ୍ଚଳର ହୋଇ ନ ଥିବା ବେଳେ ସେ କେଉଁଠୁ ଆସିଥିଲେ ଏବଂ ତାଙ୍କ ମୃତ୍ୟୁ ପଛରେ ଅନ୍ୟ କୌଣସି କାରଣ ରହିଛି କି ନାହିଁ ସେ ନେଇ ତଦନ୍ତ କରୁଥିବା କହିଛି। ମୃତଦେହ ନିକଟରୁ ମିଳିଥିବା ଏକ ଫୋନ ନମ୍ବର ପୋଲିସ ଟ୍ରାକ କରି ପଚରାଉଚରା କରିଥିଲା। କିନ୍ତୁ କିଛି ସୁରାକ ମିଳିନାହିଁ ।

### ସଡ଼କ ସୁରକ୍ଷା ସଚେତନତା

**ଫୁଲବାଣୀ ଅଫିସ, ୧୫।୧:** ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଫୁଲବାଣୀ ଟାଉନ ଥାନା ପକ୍ଷରୁ ବୁଧବାର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ପ୍ରଥମେ ଏକ ସଚେତନତା ଶୋଭାଯାତ୍ରା ପଲିଟେକନିକ୍ କଲେଜରୁ ବାହାରି ସହର ପରିକ୍ରମା କରିଥିଲା । ଏଥିରେ ସାମିଲ ହୋଇଥିବା ଛାତ୍ରୀଛାତ୍ରମାନେ ସଡ଼କ ସୁରକ୍ଷା ଉପରେ ସମସ୍ତଙ୍କୁ ସଚେତନ କରିଥିଲେ । ପରେ ଗାନ୍ଧୀସ୍ମୃତି ଭବନରେ ଏକ ସାଧାରଣ ସଭା ହୋଇଥିଲା । ପଲିଟେକନିକ କଲେଜ ଅଧ୍ୟାପକ ଶ୍ରୀକାନ୍ତ ସାହୁ, ସଦର ଏସ୍‌ଡ଼ିପିଓ ମହେନ୍ଦ୍ରନାଥ ମୁର୍ମୁ, ଟାଉନ ଥାନାଧିକାରୀ ନରେଶ କୁମାର ସାହୁ, ଆଞ୍ଚଳିକ ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟ, ସାମାଜିକ କର୍ମୀ ଅଶୋକ ପରିଡ଼ା ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ସଡକ ସୁରକ୍ଷା ଉପରେ ସଚେତନ କରିଥିଲେ।ଳ ବସ୍ ଛାତ ଉପରେ ନ ବସିବା, ଗାଡ଼ି ଚଲାଇବା ବେଳେ ମୋବାଇଲ ଫୋନ ଧରି କଥା ନ ହେବା, ନିଶାସକ୍ତ ହୋଇ ଗାଡି ନ ଚଲାଇବା ଓ ସବୁବେଳେ ହେଲମେଟ ପିନ୍ଧିବାକୁ କୁହାଯାଇଥିଲା । କନିଷ୍ଠ ମୋଟରଯାନ ନିରୀକ୍ଷକ ବିଜୟ କୁମାର ବେଉରିଆ, ଟ୍ରାଫିକ ସବ ଇନ୍‌ସପେକ୍ଟର ଛତିସ କୁମାର ପାଢ଼ୀ, ଟାଉନଥାନା ସବ୍ ଇନ୍‌ସପେକ୍ଟର ସାନ୍ତନୁ ପ୍ରଧାନ, ବିଦ୍ୟାଭାରତୀ ନାୟକ, ରଶ୍ମିତା ମାରକାନି, ଏଏସ୍‌ଆଇ ସନ୍ତୋଷ ରାଉତ, କନଷ୍ଟେବଲ ସୁଧୀର କୁମାର ସାହୁ, ଜିତେନ୍ଦ୍ର ଦିଗାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ପୂର୍ବତନ ବାଚସ୍ପତି ଚିନ୍ତାମଣିଙ୍କ ପ୍ରସ୍ତାବ

# ବଂଶଧାରାକୁ ସଂଯୋଗୀକରଣ ହେଉ ଋଷିକୁଲ୍ୟା ନଦୀ

**ବ୍ରହ୍ମପୁର ଅଫିସ,୧୫।୧**

ଗଜପତି ଜିଲା ବଂଶଧାରା ଓ ଗଞ୍ଜାମ ଜିଲାର ଋଷିକୁଲ୍ୟା ନଦୀ ସଂଯୋଗୀକରଣ କରାଯାଉ । ଏହାଦ୍ୱାରା ଦୁଇ ନଦୀ ବନ୍ୟା ନିୟନ୍ତ୍ରଣରେ ସହାୟକ ହେବ ଏବଂ ଗ୍ରୀଷ୍ମ ଓ ଶୀତଋତୁରେ ଶୁଷ୍କ ହୋଇଯାଉଥିବା ଋଷିକୁଲ୍ୟା ଚିରସ୍ରୋତା ହୋଇପାରିବ। କେବଳ ସେତିକି ନୁହେଁ, ନିଅଣ୍ଟିଆ ଜଳସେଚନ ବ୍ୟବସ୍ଥାରେ ସୁଧାର ଆସିବ ଏବଂ ପିଇବା ପାଣି ସଙ୍କଟର ସମାଧାନ ମଧ୍ୟ ହୋଇପାରିବ। ଏହି ପ୍ରସ୍ତାବ ଦେଇଛନ୍ତି ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନ ସାମନ୍ତରା । ରାଜ୍ୟ ସରକାର ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଗୁରୁତ୍ୱ ଦେଇଛନ୍ତି। ବିଭିନ୍ନ ଯୋଜନା ବାବଦରେ ସରକାର ଶହ ଶହ କୋଟି ଟଙ୍କା ବ୍ୟୟ କରୁଛନ୍ତି । ତେଣୁ ଆନ୍ଧ୍ର ସୀମାନ୍ତର ଉପରୋକ୍ତ ଦୁଇ ଜିଲାବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହାକୁ କାର୍ଯ୍ୟକାରୀ କରାଯିବାକୁ ସେ ପରାମର୍ଶ ଦେଇଛନ୍ତି।

ଦୁଇ ନଦୀ ସଂଯୋଗୀକରଣ କରାଗଲେ ଗଜପତି ଜିଲା ମୋହନା ଓ ଆର.ଉଦୟଗିରି ବ୍ଲକ ଅଧୀନ ଅନେକ ଅଞ୍ଚଳର ଚାଷଜମିକୁ ସୁବିଧାରେ ସେଚ ବ୍ୟବସ୍ଥା ଉପଲବ୍ଧ ହେବ। ସେହିପରି ଗଞ୍ଜାମ ଜିଲାର ବଡ଼ଗଡ଼, ସୋରଡ଼ା ଓ ଅନ୍ୟ ଅଞ୍ଚଳ ପାଇଁ ପିଇବା ପାଣି ଏବଂ ଜଳସେଚନ ଲାଗି ବେଶ ସହାୟକ ହୋଇପାରିବ। ଗଜପତି ଜିଲା କାଶୀନଗରରୁ କେନାଲ ଦ୍ୱାରା ବଂଶଧାରା ନଦୀ ପାଣି ଅଣାଯାଇ ଅଡ଼ବା ନିକଟ ପଦ୍ମା ନଦୀରେ ପକାଯିବ। ହରଭଙ୍ଗୀ ଡ୍ୟାମ ପାଣି ବଡ଼ଗଡ଼ ପର୍ଯ୍ୟନ୍ତ ଯାଉଥିବାରୁ ସେହି କେନାଲକୁ ଋଷିକୁଲ୍ୟାକୁ ସଂଯୋଗ କରାଯାଇ ପାରିବ। ଫଳରେ ଗଞ୍ଜାମର ଅନେକ ଅଞ୍ଚଳବାସୀ ଉପକୃତ ହେବେ ଏବଂ ଫସଲ ଉତ୍ପାଦନ ବୃଦ୍ଧି ସହ ହଜାର ହଜାର ଚାଷୀଙ୍କ ଆର୍ଥିକ ବିକାଶ ଘଟିବ।

ପୂର୍ବତନ ବାଚସ୍ପତି କହିଛନ୍ତି, ୧୯୮୫ରୁ ସେ ଏହି ପ୍ରସ୍ତାବ ସରକାରଙ୍କୁ ଦେଇଥିଲେ। ପରବର୍ତ୍ତୀ ସମୟରେ ଋଷିକୁଲ୍ୟା ସହ ବଂଶଧାରା ଓ ମହାନଦୀ ସଂଯୋଗୀକରଣ ପ୍ରସଙ୍ଗ ଉଠିଲା। ପୂର୍ବ କଂଗ୍ରେସ ଶାସନରେ ଏହା କାର୍ଯ୍ୟକାରୀ ହୋଇ ନ ଥିବା ବେଳେ ବର୍ତ୍ତମାନର ବିଜେଡି ସରକାରଙ୍କ ୨୦ ବର୍ଷର ଶାସନରେ ମଧ୍ୟ ଅଣଦେଖା କରାଯାଇଛି। ନଦୀ ସଂଯୋଗୀକରଣ ଯୋଜନାକୁ ମୁଖ୍ୟମନ୍ତ୍ରୀ କାର୍ଯ୍ୟକାରୀ କରିବାକୁ ଦ୍ୟାନ ସାମନ୍ତରା ଗୁରୁତ୍ୱାରୋପ କରିଛନ୍ତି।



ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ମଞ୍ଚସ୍ଥ ନାଟକ 'ନୂଆ ଦିଗନ୍ତ'ର ଏକ ଦୃଶ୍ୟ ।

# ନାରୀ ଯନ୍ତ୍ରଣା କହିଲା ନାଟକ 'ନୂଆ ଦିଗନ୍ତ'

**ନାଟକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା**

**ବ୍ରହ୍ମପୁର ଅଫିସ,୧୫।୧**

ଆଇନ କୌଣସି ଘଟଣାର ଶେଷ ପରିଣତି ନୁହେଁ । ବଳାତ୍କାର ଭଳି ଅପରାଧର ଅଭିଯୁକ୍ତଙ୍କୁ ଦଣ୍ଡ ଦେବାପରେ ମଧ୍ୟ ଅପରାଧର ଶିକାର ହୋଇଥିବା ନାରୀଟି ସମାଜ ଦ୍ୱାରା ହୋଇଥାଏ ବାଛନ୍ଦ। ସମାଜ ପାଇଁ ସେ ପାଲଟି ଯାଇଥାଏ କଳଙ୍କ । ଅପରାଧୀଟିଏ ଜେଲ ଦଣ୍ଡସାରି ଫେରିବା ପରେ ମଧ୍ୟ ସମାଜ ତାକୁ ସହଜରେ ଗ୍ରହଣ କରେ ନାହିଁ । ଏଭଳି ଏକ ବଳାତ୍କାର ପୀଡିତା ଓ ପରିସ୍ଥିତିର ଚାପରେ ବଳାତ୍କାର ଘଟାଇ ଅପରାଧୀ ଭାବେ ଦଣ୍ଡିତ ହୋଇ ଫେରିଥିବା ବ୍ୟକ୍ତିଙ୍କ ପରିବାରର କାହାଣୀକୁ ନେଇ ବୁଧବାର ପ୍ରଥମ ଜାତୀୟସ୍ତରୀୟ ତଥା ୧୨ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିଲା ନାଟକ 'ନୂଆ ଦିଗନ୍ତ' । ବଳାତ୍କାର ପରେ ଏହାର ଶିକାର ହୋଇଥିବା ନାରୀଟିର ପରିବାର ଏବଂ ଅପରାଧ ଘଟାଇଥିବା ଅଭିଯୁକ୍ତଙ୍କ ପରିବାର କିପରି ସମାଜର ଲାଞ୍ଛନାରେ ଜର୍ଜରିତ ହୋଇଛନ୍ତି ଏଭଳି ଯନ୍ତ୍ରଣା ପୂର୍ଣ୍ଣ କାହାଣୀଙ୍କୁ ନେଇ ନାଟକଟି ଗତିଶୀଳ ହୋଇଥିଲା। ଭୁବନେଶ୍ୱର ପଞ୍ଚଧ୍ୱନି ନାଟ୍ୟ ପରିଷଦ କଳାକାରଙ୍କ ଦ୍ୱାରା ପରିବେଶିତ ନାଟକକୁ ପଞ୍ଚାନନ ଦାଶ ରଚନା କରିଥିବା ବେଳେ ପ୍ରକାଶ ମହାରଣା ନିର୍ଦ୍ଦେଶନା ଦେଇଛନ୍ତି। ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ଚାଲିଥିବା ନାଟକ ମହୋତ୍ସବର ଚତୁର୍ଥ ରଜନୀକୁ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ଜଳସେଚନ ମଣ୍ଡଳ-୧ର ଅଧୀକ୍ଷଣ ଯନ୍ତ୍ରୀ ଲଡ୍ଡୁ କିଶୋର ସାବତ ଉଦ୍‌ଘାଟନ କରିଥିଲେ । ଚଳଚ୍ଚିତ୍ର ନିର୍ଦ୍ଦେଶକ ଏନ୍. ରାମ ବାବୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଶଙ୍କର୍ଷଣ ସାବତ ସ୍ୱାଗତ ଭାଷଣ ଦେଇଥିବା ବେଳେ ରବିନାରାୟଣ ବେହେରା ସଭାପତିତ୍ୱ କରିଥିଲେ । ନମିତା ରାଣୀ ରାଉତ ଧନ୍ୟବାଦ ଦେଇଥିଲେ । ଟି. ଆପ୍ପା ରାଓ, ସତ୍ୟବ୍ରତ ଦାଶ, ବି. ଚନ୍ଦ୍ରଶେଖର, ସୁନୀଲ କୁମାର ସ୍ୱାଇଁ, କୈଳାସ ପାଣିଗ୍ରାହୀଙ୍କ ସମେତ ସମିତିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

### ନର୍ସଙ୍କୁ ଅସଦାଚରଣ, ଭିଣୋଇ ଗିରଫ

**ବ୍ରହ୍ମପୁର ଅଫିସ,୧୫।୧**

ଶାଳୀ ତଥା ଜଣେ ନର୍ସଙ୍କୁ ଅସଦାଚରଣ କରିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ନର୍ସଙ୍କ ଭିଣୋଇ ଓ ତାଙ୍କ ନାମ ଶ୍ରୀନିବାସ ସାହୁ (୪୦) ବୋଲି ପୋଲିସ ସୂଚନା ଦେଇଛି। ଅନ୍ୟପଟେ ପୀଡ଼ିତାଙ୍କ ମେଡିକାଲ ଟେଷ୍ଟ କରାଯାଇଛି। ଶ୍ରୀନିବାସଙ୍କ ଘର ଭଞ୍ଜନଗର ଥାନା ଅନ୍ତର୍ଗତ ବଡକୋଦଣ୍ଡା ହୋଇଥିବା ବେଳେ ତାଙ୍କ ସ୍ତ୍ରୀ ଭୁବନେଶ୍ୱରରେ ନର୍ସ ଭାବେ କାମ କରୁଛନ୍ତି। ସେମାନେ ଏବେ ଚନ୍ଦକା ଥାନା ଅନ୍ତର୍ଗତ ଗୋଠପାଟଣା ଅଞ୍ଚଳରେ ରହୁଛନ୍ତି। ଅନ୍ୟପଟେ ପୀଡ଼ିତାଙ୍କ ସ୍ୱାମୀ ଅନ୍ୟ ରାଜ୍ୟରେ ଚାକିରି କରି ରହୁଥିବା ବେଳେ ସେ ଏବେ ବ୍ରହ୍ମପୁରରେ ଥିବା ଏକ ହସ୍ପିଟାଲ କ୍ୱାର୍ଟର୍ସରେ ରହୁଛନ୍ତି। ନର୍ସ ଜଣଙ୍କ ବୁଧବାର ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତୀ ବିଭାଗରେ ଡ୍ୟୁଟିରେ ଥିବା ସମୟରେ ତାଙ୍କ ଭିଣୋଇ ଶ୍ରୀନିବାସ ଭୁବନେଶ୍ୱରରୁ ଆସି ଉକ୍ତ ହସ୍ପିଟାଲରେ ପହଞ୍ଚିଥିଲେ। ସେଠାରେ ସେ ନର୍ସଙ୍କୁ ଟଣାଓଟରା କରିଥିଲେ। ଶ୍ରୀନିବାସ ଭିଣୋଇ ହୋଇଥିବାରୁ ସେ ତାଙ୍କୁ ବୁଝାଶୁଝା କରିଥିଲେ। ନର୍ସଙ୍କୁ ଶ୍ରୀନିବାସ ଧମକଚମକ ଦେବା ସହ ୱାର୍ଡ ଭିତରେ ଅସଦାଚରଣ କରିଥିଲେ। ପରେ ପୀଡ଼ିତା ଜଣଙ୍କ ଏନେଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ମେଡିକାଲରେ ପହଞ୍ଚି ଶ୍ରୀନିବାସଙ୍କୁ ମାମଲା ନମ୍ବର ୧୨/୨୦ରେ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି।

### ବ୍ଲକସ୍ତରୀୟ ଆନ୍ତଃ ସ୍କୁଲ କ୍ରିକେଟ ପ୍ରତିଯୋଗିତା

# ଡିପଲ ସ୍କୁଲ, ଜ୍ଞାନ ବିକାଶ, ସଂକଳ୍ପ ସ୍କୁଲ ବିଜେତା



ଅତିଥିଙ୍କ ସହ ସଂକଳ୍ପ ସ୍କୁଲ ବିଜେତା ଦଳ ।

**ବ୍ରହ୍ମପୁର ଅଫିସ,୧୫।୧**

ବିନାୟକ ଆଚାର୍ଯ୍ୟ ଖେଳପଡିଆରେ ବ୍ରହ୍ମପୁର ଉପଖଣ୍ଡ ଅଲିମ୍ପିକ କ୍ରୀଡା ସଂସଦ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଆନ୍ତଃ ହାଇସ୍କୁଲ ୧୭ବର୍ଷରୁ କମ ପୁରୁଷ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅଧ୍ୟକ୍ଷା ପ୍ରମିଳା ଖାଡ଼ଙ୍ଗା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡ ଅଲିମ୍ପିକ କ୍ରୀଡା ସଂସଦ ପରିଚାଳନା ସମ୍ପାଦକ ପ୍ରମୋଦ କୁମାର ସାହୁ, ସଂଘ ସଭ୍ୟ ଗୌରୀ ଶଙ୍କର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଏଥିରେ ବ୍ରହ୍ମପୁର ଉପଖଣ୍ଡ ସେଣ୍ଟ ଭିନ୍‌ସେଣ୍ଟ କନ୍‌ଭେଣ୍ଟ ସ୍କୁଲ, ଡିପଲ ସ୍କୁଲ, କେସି ପବ୍ଲିକ ସ୍କୁଲ, ଜ୍ଞାନ ବିକାଶ ଆବାସିକ ସ୍କୁଲ, ସଂକଳ୍ପ ସ୍କୁଲ, ଗୋପାଳପୁର ଆର୍ମି ପବ୍ଲିକ ସ୍କୁଲ, ସେଣ୍ଟ ଯୋଶେଫ କନ୍‌ଭେଣ୍ଟ ସ୍କୁଲ ପ୍ରମୁଖ ୭ ଦଳ ଭାଗ ନେଇଛନ୍ତି । ପ୍ରଥମ ମ୍ୟାଚରେ ସେଣ୍ଟ ଭିନ୍‌ସେଣ୍ଟ କନ୍‌ଭେଣ୍ଟ ସ୍କୁଲ ଓ ଡିପଲ ସ୍କୁଲ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ସେଣ୍ଟ ଭିନ୍‌ସେଣ୍ଟ କନଭେଣ୍ଟ ସ୍କୁଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୫ ଓଭରରେ ୨ ଉଇକେଟ ହରାଇ ୯୪ ରନ ସଂଗ୍ରହ କରିଥିଲା । ଜବାବରେ ଡିପଲ ସ୍କୁଲ ୫ ଓଭର ଖେଳି କୌଣସି ଉଇକେଟ ନ ହରାଇ ୯୮ ରନ କରି ମ୍ୟାଚ ଜିତିଥିଲା । ଦ୍ୱିତୀୟ ମ୍ୟାଚରେ କେସି ପବ୍ଲିକ ସ୍କୁଲ ଓ ଜ୍ଞାନ ବିକାଶ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଜ୍ଞାନ ବିକାଶ ପ୍ରଥମେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୫ ଓଭର ଖେଳି ୬ ଉଇକେଟ ହରାଇ ୧୨୭ ରନ ସଂଗ୍ରହ କରିଥିଲା । ଜବାବରେ କେସି ପବ୍ଲିକ ସ୍କୁଲ ୧୫ ଓଭର ଖେଳି ୮ ଉଇକେଟ ହରାଇ ୧୨୦ ରନ କରିଥିଲା । ଫଳରେ ଜ୍ଞାନ ବିକାଶ ମ୍ୟାଚକୁ ବାଜିମାତ୍ କରି ନେଇଥିଲା । ସେହିପରି ତୃତୀୟ ମ୍ୟାଚ ରାଳବ ସଂକଳ୍ପ ସ୍କୁଲ ଓ ସେଣ୍ଟ ଯୋଶେଫ ସ୍କୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ସଂକଳ୍ପ ସ୍କୁଲ ପ୍ରଥମେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୫ ଓଭର ଖେଳି ୨ ଉଇକେଟ ହରାଇ ୧୫୧ରନ ସଂଗ୍ରହ କରିଥିଲା । ଜବାବରେ ସେଣ୍ଟ ଯୋଶେଫ ଦଳ ୮ ଉଇକେଟ ହରାଇ ୭୪ ରନ କରିବାରେ ସକ୍ଷମ ହୋଇଥିଲା । ଫଳରେ ମ୍ୟାଚରେ ସଂକଳ୍ପ ସ୍କୁଲ ବିଜୟୀ ହୋଇଥିଲା । ଅମ୍ପାୟାର ଭାବେ ରଞ୍ଜନ କୁମାର ସାହୁ, ମିଲୁ ବଇରି ଗଞ୍ଜନ, ପ୍ରଣିତ ସାହୁ ଓ ଶୁଭ୍ରାଂଶୁ ନାହାକ ପରିଚାଳନା କରିଥିଲେ । ସ୍କୋରର ଭାବେ ସୂର୍ଯ୍ୟ ନାରାୟଣ ପରିଡା, ସନ୍ତୋଷ ବେହେରା ଓ କାଳିଆ ବାଡ଼ତ୍ୟା ସହଯୋଗ କରିଥିଲେ ।

### ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟର ବାର୍ଷିକୋତ୍ସବ




ମଞ୍ଚାସୀନ ଅତିଥି ।

**ବ୍ରହ୍ମପୁର ଅଫିସ,୧୫।୧**

ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପ୍ରାକ୍ତନ ପ୍ରଫେସର ଡ. ବିଷ୍ଣୁଚରଣ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରମିଳା ଖାଡ଼ଙ୍ଗାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପନିର୍ଦ୍ଦେଶକ ଡ. କୁଳମଣି ଓଝା ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟ ପ୍ରଶାସନିକ ମୁଖ୍ୟ ଡ. ଆନନ୍ଦ ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଗଙ୍ଗାଧର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହିତ ଅନୁଷ୍ଠିତ ସ୍ୱତନ୍ତ୍ର ଶିବିରର ସ୍ୱେଚ୍ଛାସେବୀ ଓ ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ସୁଶାନ୍ତ କୁମାର ପରିଡା, ଡ. ମାନା ମିଲିଆନଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରିଥିଲେ। ଅଧ୍ୟାପିକା ସ୍ନେହାସିନୀ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

**ପଟ୍ଟା ରିକ୍ସା ଚାଳକ ସଂଘର ବାର୍ଷିକ ଅଧିବେଶନ**

# ଶ୍ରମିକଙ୍କ ମାନ୍ୟତା ସହ ପରିଚୟପତ୍ର ଦାବି

**ବ୍ରହ୍ମପୁର ଅଫିସ,୧୫।୧**

ବ୍ରହ୍ମପୁର ପଟ୍ଟା ରିକ୍ସା ଚାଳକ ସଂଘର ବାର୍ଷିକ ଅଧିବେଶନ ମହାନଗର ଉପକଣ୍ଠ ସୁକୁଣ୍ଡାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗରିବ ଚାଳକଙ୍କ ପରିବାର ପାଇଁ ସରକାର ୧୦ ଲକ୍ଷ ଟଙ୍କାର ବୀମା ଯୋଜନା କାର୍ଯ୍ୟକାରୀ କରିବାକୁ ସଂଘ ପ୍ରସ୍ତାବ ଦେଇଛି। ସହରରେ ପଟ୍ଟାରିକ୍ସା ରଖିବା ପାଇଁ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ପାର୍କିଂ ଜୋନ୍ ପ୍ରତିଷ୍ଠା ଏବଂ ବାସହୀନଙ୍କୁ ପକ୍କା ଘର ଯୋଗାଇବାକୁ ପ୍ରସ୍ତାବ ଗୃହୀତ ହୋଇଛି। ସେମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା ଏବଂ ସମାଧାନ ଲାଗି ସରକାର ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ଅଧିବେଶନରେ ସଂଘ ସଭାପତି ତଥା ଆଇଏନ୍‌ଟିୟୁସି ଜିଲା ସଭାପତି ପୀତବାସ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ପଟ୍ଟା ରିକ୍ସା ଚାଳକଙ୍କୁ ଶ୍ରମ ବିଭାଗ ପକ୍ଷରୁ ପରିଚୟପତ୍ର ପ୍ରଦାନ କରିବାକୁ ଦାବି କରିଥିଲେ। ରାଜ୍ୟ ସରକାର ଶ୍ରମ ଆଇନାନୁସାରେ ସମସ୍ତ ସୁବିଧା ଯୋଗାଇବାକୁ ପଣ୍ଡା ଗୁରୁତ୍ୱ ଦେଇଥିଲେ। ସଂଘ କାର୍ଯ୍ୟାଳୟ ନିମନ୍ତେ ବିଏମ୍‌ସି ବା ସରକାର ଜମି ଯୋଗାଇବାକୁ ସେ ଆଉ ଏକ ଦାବି କରିଥିଲେ। ଏଥିରେ ଶ୍ରମିକ ନେତା ଭୋକାଲି ସେଠୀ ଯୋଗ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ସୁରେନ୍ଦ୍ର ବେହେରା, ଲକ୍ଷ୍ମଣ ରାଓ, ବସନ୍ତ ପାତ୍ର, ବୁଢୁ ଲେଙ୍କା, ଭିକାରୀ ସେଠୀ, ରାଜେନ୍ଦ୍ର ବେହେରା, ରମେଶ ବାଡ଼ତ୍ୟା, ସୁବୋଧ ଗୌଡ଼, ସୂର୍ଯ୍ୟ ପାତ୍ର, ରମେଶ ପରିଡ଼ା ଓ ଭୈରବୀ ପାଇକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ପ୍ରହରାଜ ସେଠୀ, ଦୁର୍ଗା ଦାସ, ଲାଛେୟା ରାଓ ଏବଂ ନିରଞ୍ଜନ ସାହୁ ପ୍ରମୁଖ ପଟ୍ଟାରିକ୍ସା ଚାଳକଙ୍କ ସମସ୍ୟା ନେଇ ଆଲୋକପାତ କରିଥିଲେ। ଅଧିବେଶନରେ ବହୁ ସଂଖ୍ୟକ ପଟ୍ଟା ରିକ୍ସା ଚାଳକ ଉପସ୍ଥିତ ରହି ସେମାନଙ୍କ ଦୁଃଖ ଦୁର୍ଦ୍ଦଶା ବଖାଣିଥିଲେ।

# ଗଞ୍ଜେଇ ଜବତ, ଯୁବକ ଗିରଫ

**ବ୍ରହ୍ମପୁର ଅଫିସ,୧୫।୧**

ବଡବଜାର ଥାନା ଏସ୍‌ଆଇ ଭାସ୍ୱତ ରଞ୍ଜନ ରାୟ ଓ ତାଙ୍କ ଟିମ୍ ବୁଧବାର ସନ୍ଧ୍ୟାରେ ଫାଷ୍ଟ ଗେଟରେ ଗାଡି ଯାଞ୍ଚ ବେଳେ ଜଣେ ଗଞ୍ଜେଇ ଚୋରା ଚାଲାଣକାରୀ ଯୁବକଙ୍କୁ ଗିରଫ କରିଛନ୍ତି। ଗାଡି କାଗଜପତ୍ର ପୋଲିସ ମାଗିବା ବେଳେ ସେ ଦେଖାଇପାରି ନ ଥିଲେ। ସନ୍ଦେହରେ ପୋଲିସ ତାଙ୍କ ବ୍ୟାଗ ଯାଞ୍ଚ କରିଥିଲା। ସେ ଧରିଥିବା ଏକ ଏୟାର ବ୍ୟାଗ ଭିତରେ ଥିବା ୩ ପକେଟରେ ୯ କେଜି୩୦୦ ଗ୍ରାମ ଗଞ୍ଜେଇ ଥିବା ବେଳେ ତାହା ପୋଲିସ ଜବତ କରିଛି। ସେହିପରି ଗଞ୍ଜେଇ ଚାଲାଣରେ ବ୍ୟବହାର ହୋଇଥିବା ଏକ ବାଇକ୍ (ଓଡି୦୭ଜେ-୬୭୭୯)କୁ ମଧ୍ୟ ପୋଲିସ ଜବତ କରିଛି। ଗିରଫ ଯୁବକ ପାଟପୁର ଥାନା ଅନ୍ତର୍ଗତ ସିଙ୍ଗିପୁର ଗ୍ରାମର ଶିବରାମ ବିଷୋୟୀ (୨୨)। ତାଙ୍କୁ ଜେରା ବେଳେ ସେ ଉକ୍ତ ଗଞ୍ଜେଇ ଗଜପତି ଅଞ୍ଚଳରୁ ବାଇକ୍‌ରେ ବ୍ରହ୍ମପୁର ଆଣି ସେଠାରୁ ଟ୍ରେନ ଯୋଗେ ଭଦ୍ରକ ଚାଲାଣ କରିଥାନ୍ତେ ବୋଲି ଥାନାଧିକାରୀ ସୁମିତ କୁମାର ସୋରେନ ସୂଚନା ଦେଇଛନ୍ତି। ମାଜିଷ୍ଟ୍ରେଟ ଭାବେ ଡିଏସ୍‌ପି ଜେ.କେ. ପଟ୍ଟନାୟକଙ୍କ ଉପସ୍ଥିତିରେ ଗଞ୍ଜେଇ ଜବତ କରାଯାଇଛି। ଗୁରୁବାର ଅଭିଯୁକ୍ତ ଯୁବକଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।



ଗିରଫ ଅଭିଯୁକ୍ତ ଓ ଜବତ ଗଞ୍ଜେଇ ।

# ରେଶମ ସହରରେ ମୁଆଁ ଚାହିଦା



**ବ୍ରହ୍ମପୁର ଅଫିସ,୧୫।୧**

ହିନ୍ଦୁ ଧର୍ମ ସହିତ ଜଗନ୍ନାଥ ସଂସ୍କୃତି ଅଙ୍ଗାଙ୍ଗି ଭାବେ ଜଡ଼ିତ। କଥାରେ ଅଛି ଜଗନ୍ନାଥ ସଂସ୍କୃତିରେ ୧୨ ମାସରେ ୧୩ ପର୍ବ ସହ ମହାପ୍ରଭୁ ଜଗନ୍ନଥଙ୍କ ଲାଗି ବିଭିନ୍ନ ମାସରେ ଭିନ୍ନ ଭିନ୍ନ ପ୍ରକାର ଭୋଗ ଲାଗି ହୋଇଥାଏ। ସେଥିମଧ୍ୟରୁ ମୁଆଁ ହେଉଛି ଅନ୍ୟତମ । ଧନୁ ସଂକ୍ରାନ୍ତିରେ ଜଗନ୍ନାଥଙ୍କୁ ମୁଆଁ ଭୋଗ ଲାଗି ହୋଇଥାଏ। ପୌରାଣିକ ମତରେ କେହି କେହି କୁହନ୍ତି, ମାତା ମହାଲକ୍ଷ୍ମୀ ପୁଷମାସରେ ନିଜ ମା'ଙ୍କ ଘରୁ ଶ୍ରୀମନ୍ଦିର ଶାଶୁଘରକୁ ଆସନ୍ତି ସାଥିରେ ଧନୁମୁଆଁ ନେଇ ଆସିଥାନ୍ତି । ଆଉ କେହି କୁହନ୍ତି, ପ୍ରାୟ ୨୦୦ ବର୍ଷ ପୂର୍ବେ ଗଞ୍ଜାମ ଜିଲାର ବ୍ରହ୍ମପୁର ସହରରେ ମଧୁବୈଶ୍ୟ ସମାଜ(ଗୁଡ଼ିଆ)ମାନଙ୍କ ଦ୍ୱରା ମୁଆଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ଏହା ସାଧାରଣତଃ ପୁଷମାସ ବା ମାଘମାସ(ଡିସେମ୍ବର-ଜାନୁୟାରୀ)ରେ ଧନୁ ସଂକ୍ରାନ୍ତିରୁ ମକର ସଂକ୍ରାନ୍ତି ମଧ୍ୟରେ ଏହାର ଚାହିଦା ରହିଥାଏ । କାରଣ ହିନ୍ଦୁଧର୍ମ ଅନୁଯାୟୀ ବିଭନ୍ନ ସଂକ୍ରାନ୍ତି ଓ ଶାମ୍ବ ଦଶମୀ ସହ ଅନ୍ୟ କେତେକ ପର୍ବପର୍ବାଣୀରେ ଏହାକୁ ପୂଜା କାରିବାର ଦେଖିବାକୁ ମିଳିଥାଏ। ବନ୍ଧୁବାନ୍ଧବଙ୍କ ଘରକୁ ମୁଆଁ ନିଆଯାଇଥାଏ। ଅନ୍ୟ କେତେକ ଧର୍ମରେ ସଧବା ସ୍ତ୍ରୀଲୋକମାନେ ହଳଦୀ, କୁଙ୍କୁମ, ବିଭିନ୍ନ ପ୍ରକାର ମୁଆଁ ଆଦି ଧନୁ ସଂକ୍ରାନ୍ତିରେ ପୂଜା କରି ସଧବା ସ୍ତ୍ରୀଲୋକମାନଙ୍କୁ ଦେଇଥାନ୍ତି। ବର୍ତ୍ତମାନ ବ୍ରହ୍ମପୁର ବଜାରରେ ସାଦାମୁଆଁ, ଘିଅମୁଆଁ, କାଜୁମୁଆଁ ସହ ବିଭିନ୍ନ ପ୍ରକାରର ମୁଆଁ ଦେଖିବାକୁ ମିଳୁଛି। ଜିଲାର ବିଭିନ୍ନ ପ୍ରାନ୍ତରୁ ଆସି ରେଶମ ସହରରୁ ମୁଆଁ ନେଇ ବ୍ୟବସାୟ କରିଥାନ୍ତି । ଏହା ୧୦ ଟଙ୍କାରୁ ଆରମ୍ଭ କରି ୪୦୦ ଟଙ୍କା ପର୍ଯ୍ୟନ୍ତ ଦାମ ହେଇଥାଏ ବୋଲି ବ୍ୟବସାୟୀମାନେ ମତ ଦେଇଛନ୍ତି। ବର୍ତ୍ତମାନ ବଜାରରେ ଘିଅମୁଆଁର ସର୍ବାଧିକ ଚାହିଦା ରହିଛି । ଯାହାର ଦର କିଲୋ ପିଛା ୪୦୦ ଟଙ୍କା ରହିଛି ।

## ସେମାନେ ଯାହା କୁହନ୍ତି



ଏହା ଆମ ବାପାଙ୍କ ସମୟରୁ ୬୦ ବର୍ଷ ପୂର୍ବରୁ ତିଆରି କରାଯାଉଛି। ମୁଁ ପ୍ରାୟ ୪୦ ବର୍ଷ ହେବ ତଆରି କରିବା ସହ ଅନ୍ୟାନ୍ୟ ବ୍ୟବସାୟ କରି ଚଳୁଛି ।

**-ରାଜେନ୍ଦ୍ର ସାହୁ(ମୁଆଁ କାରିଗର)**



ଧନୁସଂକ୍ରାନ୍ତିଠାରୁମକରସଂକ୍ରାନ୍ତି(ଡିସେମ୍ବର-ଜାନୁୟାରୀ) ଏହି ଏକ ମାସ ଏହାର ବେଶ ଚାହିଦା ରହିଥାଏ। ଏହା ମୂଲ୍ୟ ୧୦ ଟଙ୍କାରୁ ୪୦୦ ଟଙ୍କା ପର୍ଯ୍ୟନ୍ତ ରହିଛି । ବଜାରରେ ଘିଅମୁଆଁର ସର୍ବାଧିକ ଚାହିଦା ରହିଛି ।

**-ଜିତେନ୍ଦ୍ର ସାହୁ(ମୁଆଁ ବ୍ୟବସାୟୀ)**



ଆମରି ଧର୍ମର ପରମ୍ପରା ଅନୁଯାୟୀ ସଧବା ସ୍ତ୍ରୀମାନେ ହଳଦୀ, କୁଙ୍କୁମ, ବିଭିନ୍ନ ପ୍ରକାର ଓ ମୁଆଁ ଆଦି ଧନୁ ସଂକ୍ରାନ୍ତିରେ ପୂଜା କରି ସଧବା ସ୍ତ୍ରୀମାନଙ୍କୁ ଦେଇଥାନ୍ତି ।

**-ଲକ୍ଷ୍ମଣ ରାଓ(ମୁଆଁ ଗ୍ରାହକ)**



ହିନ୍ଦୁ ଧର୍ମ ପରମ୍ପରାରେ ଧନୁ ସଂକ୍ରାନ୍ତି ସହ ଅନ୍ୟାନ୍ୟ ପର୍ବପର୍ବାଣିରେ ମୁଆଁ ପୂଜା କରାଯାଇଥାଏ। ଏହା ସହିତ ଝିଅମାନେ ମା'ଙ୍କ ଘରୁ ଶାଶୁ ଘରକୁ ମୁଆଁ ଭାର ନେଇଥାନ୍ତି।

**-ସୁମତି ମହାରଣା(ମୁଆଁ ଗ୍ରାହକ)**

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଗୁରୁବାର, ଜାନୁୟାରୀ ୧୬/୨୦୨୦ Berhampur, Thursday, January 16/ 2020

## ସଂକ୍ଷେପରେ

### ମ୍ୟାଚୁରିଟି ଅର୍ଥ ଦେଉନି ସାହାରା କୋ-ଅପରେଟିଭ୍

ଛତ୍ରପୁର,୧୫ା୧(ଡି.ଏନ.ଏ)- ସାହାରା କ୍ରେଡିଟ୍ କୋ-କୋଅପରେଟିଭ୍ ସୋସାଇଟିରେ ଟଙ୍କା ଜମା କରିବା ପରେ ଜମାକାରୀଙ୍କୁ ମ୍ୟାଚୁରିଟି ଟଙ୍କା ମିଳୁନି। ଜମାକାରୀମାନେ ବାରମ୍ବାର ଉକ୍ତ ଅଫିସ୍‌କୁ ଯାଇ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଜଣାଇଥିଲେ ମଧ କୌଣସି ସୁଫଳ ମିଳୁନି। ଟଙ୍କା ପାଇଁ ପୂର୍ବରୁ ଜମାକାରୀମାନେ ବ୍ରହ୍ମପୁର ସମେତ ଅନ୍ୟାନ୍ୟ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏପରିକି କମ୍ପାନୀ ଶାଖା କାର୍ଯ୍ୟାଳୟକୁ ଯିବାବେଳେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିବା ନଜିର ରହିଛି। ବର୍ତ୍ତମାନ କୌଣସି ଉପାୟ ନ ପାଇ ବହୁ ଜମାକାରୀ ସମସ୍ୟା ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ କୋ ଅପରେଟିଭ୍ ସୋସାଇଟିର ରେଜିଷ୍ଟ୍ରାରଙ୍କ ନିକଟକୁ ପିଟିଶନ ପଠାଇଛନ୍ତି। ଉକ୍ତ ପିଟିଶନଗୁଡିକ ଉପରେ ତଦନ୍ତ କରି ରିପୋର୍ଟ ପଠାଇବାକୁ କୋପେରଟିଭ୍ ସୋସାଇଟିର ରେଜିଷ୍ଟ୍ରାରରଙ୍କ ପକ୍ଷରୁ ବ୍ରହ୍ମପୁର ସ୍ଥିତ କୋଅପରେଟିଭ୍ ସୋସାଇଟିର ଡେପୁଟି ରେଜିଷ୍ଟ୍ରାରଙ୍କ ନିକଟକୁ ଗତ ୧୦ ତାରିଖରେ ନିର୍ଦ୍ଦେଶନାମା ଆସିଛି।

### ବିଦ୍ୟୁତ୍ ଆଘାତରେ ଚାଷୀ ମୃତ

ଦିଗପହଣ୍ଡି,୧୫ା୧(ଡି.ଏନ.ଏ.)- ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଅନ୍ତର୍ଗତ ଗଙ୍ଗାପୁର ଗ୍ରାମର ଜଣେ ଚାଷୀଙ୍କର ବୁଧବାର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ସେ ହେଲେ ସନ୍ତୋଷ କୁମାର ପାଢ଼ୀ। ସନ୍ଧ୍ୟା ପ୍ରାୟ ୬ଟା ୪୫ରେ ସନ୍ତୋଷ ବିଲରେ ଥିବା ବୋରିଂକୁ ଯାଇଥିବାବେଳେ ବିଦ୍ୟୁତ୍ ସଂସର୍ଶରେ ଆସି ଅଚେତ୍ ହୋଇ ପଡ଼ିଥିଲେ। ପରିବାର ଲୋକେ ଉଦ୍ଧାର କରି ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସନ୍ତୋଷଙ୍କୁ ମୃତ ଘୋଷଣା କରିଥିଲେ।

## ■ ତାରାତାରିଣୀଙ୍କ ପୀଠରେ ମକରମେଳା

# ରାଜରାଜେଶ୍ୱରୀ ବେଶ ଦର୍ଶନ କଲେ ଶ୍ରଦ୍ଧାଳୁ

ପୁରୁଷୋତ୍ତମପୁର,୧୫ା୧ (ଡି.ଏନ.ଏ.)

ପବିତ୍ର ମକର ସଂକ୍ରାନ୍ତିରେ ଗଞ୍ଜାମ ଜିଲାର ଇଷ୍ଟଦେବୀ ମା' ତାରାତାରିଣୀଙ୍କୁ ୫୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଦର୍ଶନ କରିଛନ୍ତି। ବୁଧବାର ଭୋର ସାଢ଼େ ୫ଟାରୁ ମା'ଙ୍କ ମାଜଣା ସହ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ସକାଳ ୬ଟା ୨୦ମିନିଟରେ ସାହାଣମେଲା ହୋଇଥିଲା। ଦୁଇ ଭଉଣୀ ମା' ତାରାତାରିଣୀଙ୍କୁ ରାଜରାଜେଶ୍ୱରୀ ବେଶରେ ସଜ୍ଜିତ କରାଯାଇଥିଲା। ଜିଲା ଓ ଜିଲା ବାହାରୁ ଆସି ଅପେକ୍ଷା କରିଥିବା ଭକ୍ତମାନେ ମା'ଙ୍କୁ ଦର୍ଶନ କରିବା ସହ ଭୋଗ ଲଗାଇ ଆଶୀର୍ବାଦ ଭିକ୍ଷା କରିଥିଲେ। ମନ୍ଦିର ପୂଜକ ବାପୁଜୀ ରଣାଙ୍କ ସମେତ ଅନ୍ୟ ପୂଜକମାନେ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ନିର୍ବାହୀ ଅଧିକାରୀ କେ.ତିରୁମାଳା ରେଡ୍ଡୀ ଓ ଲକ୍ଷ୍ମୀଚରଣ ପଣ୍ଡା ପରିଚାଳନା କରିଥିଲେ। ପାହାଡ ତଳୁ ମନ୍ଦିର ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଗାଡ଼ିମୋଟର ଭିଡ ଲାଗି ରହିଥିଲା। ପୁରୁଷୋତ୍ତମପୁର ଥାନା ଆଇଆଇସି ଜଗନ୍ନାଥ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଏଏସ୍ଆଇ ରବୀନ୍ଦ୍ରନାଥ ପାଣିଗ୍ରାହୀ ଓ ପୋଲିସ କର୍ମଚାରୀମାନେ ଉପସ୍ଥିତ ରହି ଟ୍ରାଫିକ ଓ ଆଇନ ଶୃଙ୍ଖଳାକୁ ନିୟନ୍ତ୍ରଣ କରିଥିଲେ।


ମା' ତାରାତାରିଣୀଙ୍କ ଦର୍ଶନ ପାଇଁ ଆସିଥିବା ଶ୍ରଦ୍ଧାଳୁମାନେ।

# ମକର ସଂକ୍ରାନ୍ତିରେ ମୁଆଁଫିଙ୍ଗା


ବାଲିପଦରରେ ତିନି ଠାକୁରଙ୍କ ମିଳନ।

ବୁଗୁଡ଼ା, ୧୫ା୧ (ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ବାଲିପଦରରେ ବୁଧବାର ମକର ସଂକ୍ରାନ୍ତି ପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ ପାରମ୍ପରିକ ରୀତିନୀତି ସହ ହରିହରଙ୍କ ଅପୂର୍ବ ଭେଟ ହୋଇଥିବା ବେଳେ ମାନସିକଧାରୀମାନେ ମୁଆଁ ଫିଙ୍ଗୁଥିଲେ। ବାଲିପଦରରେ ବିରାଜିତ ନୀଳକଣ୍ଠେଶ୍ୱର ମନ୍ଦିରରୁ ମହାଦେବ, ରଘୁନାଥ ସ୍ୱାମୀଙ୍କ ମନ୍ଦିରରୁ ରଘୁନାଥ ଓ ଦଧିବାମନ ମନ୍ଦିରରୁ ଶ୍ରୀଜଗନ୍ନାଥଙ୍କୁ ବାଦ୍ୟବାଜଣା, ହରିବୋଲ ଧ୍ୱନି ମଧ୍ୟରେ ମକର ପଡ଼ିଆକୁ ଅଣାଯାଇଥିଲା। ସେଠାରେ ପୂଜାର୍ଚ୍ଚନା ସହ ଆଳତି କରାଯାଇ ତିନି ଠାକୁରଙ୍କ ମିଳନ କରାଯାଇଥିଲା। ଠାକୁରମାନଙ୍କ ମିଳନ ସମୟରେ ମାନସିକଧାରୀମାନେ ଉପରକୁ ମୁଆଁ ଫିଙ୍ଗିଥିଲେ। ପରେ ସେଠାରେ ଭୋଗ କରାଯାଇ ଠାକୁରମାନଙ୍କୁ ବାଲିପଦରର ପ୍ରତି ସାହିରେ ପରିକ୍ରମା କରାଯାଇଥିଲା। ପ୍ରତ୍ୟେକ ଘର ଆଗରେ ମହିଳାମାନେ ପୂର୍ଣ୍ଣକୁମ୍ଭ ରଖି ଠାକୁରଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ପରେ ତିନି ଠାକୁର ନିଜ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରଘୁନାଥ ମନ୍ଦିରର ଟ୍ରଷ୍ଟି କେ. ଅଶୋକ କୁମାର ପାତ୍ର, ଦଧିବାମନ ମନ୍ଦିରର ଟ୍ରଷ୍ଟି ଭାସ୍କର ଗୁରୁ ଓ ନୀଳକଣ୍ଠ ମନ୍ଦିରର ଟ୍ରଷ୍ଟି କୋକରାମ ଜେନାଙ୍କ ସହ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଜେନା, ସମିତିସଭ୍ୟ ମହେନ୍ଦ୍ର ପ୍ରସାଦ ପଣ୍ଡା, ପଣ୍ଡିତ ସୀମାଞ୍ଚଳ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ■ ଗୌତମ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ହିଞ୍ଜିଳିକାଟୁ ରୟାଲ

ହିଞ୍ଜିଳିକାଟୁ, ୧୫ା୧ (ଡି.ଏନ୍.ଏ.)

ହିଞ୍ଜିଳିକାଟୁ କଲେଜ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଗୌତମ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏକ ସେମି ଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଥିଲା। ରୟାଲ କ୍ରିକେଟ କ୍ଲବ ହିଞ୍ଜିଳିକାଟୁ ଗାଲାକ୍ସି ଏକାଦଶ କ୍ରିକେଟ କ୍ଲବ ମୁଣ୍ଡମରାଇକୁ ୧୩୫ ରନରେ ହରାଇ ଫାଇନାଲରେ ପ୍ରବେଶ କରିଛି। ହିଞ୍ଜିଳିକାଟୁ ପ୍ରଥମେ ବ୍ୟାଟିଂ କରି ୧୯.୨ ଓଭରରେ ସମସ୍ତ ଉଇକେଟ ହରାଇ ୨୦୪ ରନ୍ ସଂଗ୍ରହ କରିଥିଲା। ଜବାବରେ ମୁଣ୍ଡମରାଇ ୧୨.୫ ଓଭରରେ ସମସ୍ତ ଉଇକେଟ ହରାଇ ୬୯ ରନ୍ କରିବାକୁ ସକ୍ଷମ ହୋଇଥିଲା। ହିଞ୍ଜିଳିକାଟୁ ଦଳର ସ୍ୱାଧୀନ ବେହେରାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବିବେଚିତ କରାଯାଇଥିଲା। ଆମ୍ପାୟାର ଭାବେ ଉମା ଶଙ୍କର ସାବତ ଓ ତାପସକାନ୍ତ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ଆଶୁତୋଷ ଶତପଥୀ, ରାହୁଲ ପଣ୍ଡା, ରାଜେଶ ସାହୁ, ଓମ୍ ପାଢୀ, ପ୍ରବିଣ ଦାସ, ପ୍ରଶାନ୍ତ ନାୟକ, ଟୁକୁନା ନାୟକ, ସୁନିଲ ତରାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ଶନିବାର ଫାଇନାଲ ମ୍ୟାଚ୍ ରୟାଲ କ୍ରିକେଟ କ୍ଲବ, ହିଞ୍ଜିଳିକାଟୁ ଓ ଅମରନାଥ କ୍ରିକେଟ କ୍ଲବ ଆସିକା ମଧ୍ୟରେ ଅନୁଷ୍ଠିତ ହେବ।




# ପାଇଖାନା ନିର୍ମାଣ ଅନୁଧ୍ୟାନ କଲେ କେନ୍ଦ୍ରୀୟ ଟିମ୍

ଛତ୍ରପୁର,୧୫ା୧(ଡି.ଏନ.ଏ)

ଗ୍ରାମାଞ୍ଚଳରେ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଅଗ୍ରଗତି ଅନୁଧ୍ୟାନ ପାଇଁ କେନ୍ଦ୍ର ସରକାରଙ୍କ ପାନୀୟ ଜଳ ଓ ପରିମଳ ବିଭାଗ ଅଧୀନ ଜଲ୍ ଶକ୍ତିର କେନ୍ଦ୍ରୀୟ ଟିମ୍ ଗତ ୧୩ ତାରିଖରୁ ଗଞ୍ଜାମ ଜିଲାକୁ ଆସିଛନ୍ତି। ବୁଧବାର ଏହି ଟିମ୍ ଛତ୍ରପୁର ବ୍ଲକର ବଣବୁଲାପଲ୍ଲୀ ଓ ଏ. ତୋଟାପଲ୍ଲୀ ଗାଁକୁ ଯାଇ ପାଇଖାନା ନିର୍ମାଣ ଅନୁଧ୍ୟାନ କରିଥିଲେ। ଜଲ୍‌ଶକ୍ତିର ଡେପୁଟି ଡାଇରେକ୍ଟର ଜେନେରାଲ ହିରଣ୍ୟ ବୋରାହାଙ୍କ ନେତୃତ୍ୱରେ ଆସିଥିବା ଉକ୍ତ ଟିମ୍‌ରେ ଡେପୁଟି ଡାଇରେକ୍ଟର ଧର୍ମେନ୍ଦ୍ର କୁମାର ଓ ଅନ୍ୟମାନେ ଥିଲେ। ବଣବୁଲାପଲ୍ଲୀ ଗାଁରେ ୨୫୮ ଓ ଏ. ତୋଟାପଲ୍ଲୀ ଗାଁରେ ୧୫୪ ଘରେ ପାଇଖାନା ନିର୍ମାଣ ହୋଇଛି। ପରିବାର ସଦସ୍ୟମାନେ ପାଇଖାନା ବ୍ୟବହାର କରୁଛନ୍ତି କି ନାହିଁ ଲୋକମାନଙ୍କୁ କେନ୍ଦ୍ରୀୟ ଟିମ୍ ପଚାରି ବୁଝିଥିଲେ । ପରେ ଫେରିବା ବେଳେ ଏକ ପ୍ରଶଂସାପତ୍ର ଗାଁବାସୀଙ୍କୁ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ନିର୍ବାହୀଯନ୍ତ୍ରୀ ପ୍ରତାପ ମହାପାତ୍ର, ଛତ୍ରପୁର ଏସଡିଓ ରମେଶ ପଣ୍ଡା, ଜଳ ଓ ପରିମଳ ମିଶନର ମହେଶ ତରାଇ, କନିଷ୍ଠ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ସାହୁ ଓ କମଳ ନାୟକ, ଶେରଗଡ ବ୍ଲକର କନିଷ୍ଠ ଯନ୍ତ୍ରୀ ଶଶାଙ୍କ ଶେଖର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ରୀୟ ଟିମ ୩ ଦିନ ମଧ୍ୟରେ ଜିଲାର ୮ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗାଁକୁ ଯାଇ ଅନୁଧ୍ୟାନ କରିସାରିଲେଣି। ଗୁରୁବାର ମଧ ଅନ୍ୟ ବ୍ଲକକୁ ଯାଇ ଅନୁଧ୍ୟାନ କରିବା ପରେ ଟିମ୍ ଫେରିଯିବା କାର୍ଯ୍ୟକ୍ରମ ରହିଛି।


କେନ୍ଦ୍ରୀୟ ଟିମ୍ ଅନୁଧ୍ୟାନ କରୁଛନ୍ତି।

# ଧାନଗଦା ଜଳିଗଲା

ଗଞ୍ଜାମ,୧୫ା୧(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ଉମୁରି ଧର୍ମଶରଣପୁର ଗ୍ରାମରେ ବିଦ୍ୟୁତ ତାରରୁ ନିଆଁଝୁଲ ଖସି ଧାନ ଗଦା ଜଳି ଯାଇଛି। ଖଳାରେ ଥିବା ପ୍ରାୟ ୩୨ ଏକର ଜମିରୁ ଉତ୍ପାଦିତ ୨ଟି ଧାନ ଗଦା ଓ ୪ ପାଳଗଦା ପୋଡି ପାଉଁଶ ହୋଇଯାଇଛି। ହେଲେ କାଳିଆ ଗୌଡ଼, ବିପ୍ର ଗୌଡ଼, କହ୍ନେଇ ଗୌଡ଼, ନମିତା ଗୌଡ଼, ସହଦେବ ଗୌଡ଼ ପ୍ରମୁଖ ଚାଷୀଙ୍କ ଧାନ ଗଦା ପୋଡି ପାଇଁଶ ହୋଇଯାଇଛି। କ୍ଷତିଗ୍ରସ୍ତ ଚାଷୀ ଗରିବ ଶ୍ରେଣୀର ହୋଇଥିବାବେଳେ ବର୍ଷକର ଖାଦ୍ୟ ସହ ରୋଜଗାର ନଷ୍ଟ ହୋଇଥିବାରୁ ଏବେ ମୁଣ୍ଡରେ ହାତଦେଇ ବସିଛନ୍ତି। ଅଗ୍ନିକାଣ୍ଡ ଖବର ପାଇ ଛତ୍ରପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ସବୁ ପୋଡି ପାଉଁଶ ହୋଇ ସାରିଥିଲା। ବିପନ୍ନ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ସରପଞ୍ଚ ସଦାଶିବ ଦାଶ ଦାବି କରିଛନ୍ତି।




# ଗଞ୍ଜେଇ ଜବତ, ଜଣେ କୋର୍ଟଚାଲାଣ

ଗୋପାଳପୁର,୧୫ା୧

ଦୋକାନରେ ଗଞ୍ଜେଇ ବିକ୍ରି କରୁଥିବା ଅଭିଯୋଗରେ ବୁଧବାର ଗୋଳନ୍ଥରା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗୋଳନ୍ଥରା ଥାନା ଭାଲିଆଗଡ଼ ଗ୍ରାମରେ ଏମ. ଜଗା ରାଓ (୬୩)। ଜଗା ଭାଲିଆଗଡ଼ ଗ୍ରାମସ୍ଥିତ ଏକ ମନ୍ଦିର ପରିସରରେ ଦୋକାନ କରି ଗଞ୍ଜେଇ ବିକ୍ରି କରୁଥିଲେ। ମଙ୍ଗଳବାର ରାତିରେ ଗୋଳନ୍ଥରା ଥାନା ଏସ୍ଆଇ ସ୍ମିତା ଜେନା ଓ ଅନ୍ୟ ଅଧିକାରୀ ଚଢ଼ାଉ କରିଥିଲେ। ମାଜିଷ୍ଟ୍ରେଟ ତଥା କନିଷ୍ଠ ତହସିଲଦାର ରାଜ କିଶୋର ଜେନାଙ୍କ ଉପସ୍ଥିତିରେ ୩ କେଜି ୬୮୯ ଗ୍ରାମ ଗଞ୍ଜେଇ ଜବତ ହୋଇଥିଲା। ବୁଧବାର ତାଙ୍କୁ ଜିଲା ଜଜ୍‌ଙ୍କ ନିକଟରେ ହାଜର କରାଯାଇଥିଲା। ନଂ. ୨୦/୨୦ରେ ମାମଲା ରୁଜୁ କରି ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, କିଛିମାସ ତଳେ ଭାଲିଆଗଡ଼ର ୨ଜଣ ବ୍ୟକ୍ତି ବାଇକରେ ଭୁବନେଶ୍ୱରରୁ ଭାଲିଆଗଡ଼ ବ୍ରାଉନ୍‌ସୁଗାର ଧରି ଆସୁଥିବାବେଳେ ଖଜୁରିଆ ଓଭରବ୍ରିଜ ନିକଟରେ ଗୋଷାଣୀନୂଆଗାଁ ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

# ନଷ୍ଟ କରାଗଲା ଗଞ୍ଜେଇ ଗଛ

ଆର.ଉଦୟଗିରି, ୧୫ା୧(ଡି.ଏନ.ଏ.)

ଆର.ଉଦୟଗିରି ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢାଉ କରି ପୁଣି ବିପୁଳ ପରିମାଣର ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଗଜପତି ଜିଲାପାଳ ଅନୁପମ ସାହା ଓ ଏସ୍‌ପି ସାରା ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ବ୍ଲକର ବିଭିନ୍ନ ଥାନା ଅଞ୍ଚଳରେ ହେଉଥିବା ଗଞ୍ଜେଇ ଚାଷକୁ ନଷ୍ଟ କରାଯାଉଛି। ବୁଧବାର ଆର.ଉଦୟଗିରି ଥାନା ନୂଆଗଡ ବ୍ଲକର ଅନୁଗୁରୁ ଗ୍ରାମ ନିକଟରେ ଥିବା ଏକ ପାହାଡ ଉପରେ ୧୨ ଏକର ଜଙ୍ଗଲ ଜମିରେ ଚାଷ କରାଯାଇଥିବା ୨୪ ହଜାର ଗଞ୍ଜେଇ ଗଛକୁ ନଷ୍ଟ କରାଯାଇଛି। ଚଢାଉରେ ଆର.ଉଦୟଗିରି ତହସିଲଦାର ସ୍ମୃତିରଞ୍ଜନ ପାଣିଗ୍ରାହୀ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବାବେଳେ ଆର.ଉଦୟଗିରି ଏସ୍‌ଡିପିଓ ଅଶୋକ କୁମାର ମାହାନ୍ତି, ଥାନା ଅଧିକାରୀଣି ମମତା ନାୟକ, ଅବକାରୀ ଓଆଇସି ଜି. ସୁରିବାବୁ ଓ ରାଜସ୍ୱ ଓ ବନ ବିଭାଗର କର୍ମଚାରୀମାନେ ସାମିଲ ହୋଇଥିଲେ।

# ମୁମୂର୍ଷୁ ଅବସ୍ଥାରେ ବୃଦ୍ଧ ଉଦ୍ଧାର

ଆସିକା,୧୫ା୧(ଡି.ଏନ୍.ଏ) :

ଆସିକା ବସଷ୍ଟାଣ୍ଡଠାରୁ ଆଳିପୁର ରାସ୍ତା ବଡନଦୀ ବାଲିରେ ବୁଧବାର ସକାଳେ ଅଚେତ ଅବସ୍ଥାରେ ପଡିଥିବା ଜଣେ ବୃଦ୍ଧଙ୍କୁ ପୋଲିସ ଉଦ୍ଧାର କରିଥିଲା। ସେ ହେଲେ ଆସିକା ଥାନା ଅନ୍ତର୍ଗତ ଗୁଣ୍ଠପଡା ଗ୍ରାମର କୃଷ୍ଣ ନାଇକ (୬୦) । ତାଙ୍କୁ ଆସିକା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ଲାଗି ବ୍ରହ୍ମପୁର ବଡମେଡିକାଲକୁ ପଠାଇ ଦିଆଯାଇଛି। ଗୁଣ୍ଠ କେଉଁ ପରିସ୍ଥିତିରେ ନଦୀ ବାଲିରେ ପଡି ରହିଥିଲେ ତାହା ସ୍ପଷ୍ଟ ହୋଇ ନ ଥିବା ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ